## ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ୨.୩୫ଲକ୍ଷ ଲୁଟ୍

ନିମାପଡ଼ା,(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଧୀନ ଉଇଁଟିଗୋରଡ଼ ଗ୍ରାମର ଚୋକଡ଼ ବ୍ୟବସାୟୀ ଅଭିମନ୍ୟୁ ସାହୁଙ୍କୁ ସୋମବାର ମାରଣାସ୍ତ୍ର ଦେଖାଇ ୨ଲକ୍ଷ ୩୫ହଜାର ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିମନ୍ୟୁ ନିଆଳି ଥାନା ଅଞ୍ଚଳରୁ ବ୍ୟବସାୟୀମାନଙ୍କଠାରୁ ଟଙ୍କା ଆଦାୟ କରି ସୋମବାର ଅପରାହ୍ଣରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ନିଆଳି ଥାନା ଅଧୀନ ସାରଣା ଛକ ବ୍ରିଜ୍ ନିକଟରେ ପୂର୍ବରୁ ପିଛା କରୁଥିବା ୫ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଅଭିମନ୍ୟୁ ଚାରିଛକମ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନାହିଁ।

## ସଂକ୍ଷେପରେ

### ଶିଶୁକନ୍ୟାଙ୍କୁ ବଳାତ୍କାର, ନାବାଳକ ଅଟକ

ଖୋର୍ଦ୍ଧା ଅଫିସ,୨୧।୯: ଭୁଷଣ୍ଡପୁର ଫାଣ୍ଡି ଅଞ୍ଚଳରେ ସୋମବାର ୫ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ପୋକ୍ସୋ ଆକ୍ଟରେ ମାମଲା (ନଂ.୨୮୮/୨୦) ରୁଜୁକରି ଜଣେ ନାବାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶିଶୁକନ୍ୟା ସନ୍ଧ୍ୟା ସାଢେ ୬ଟାରେ ଘରେ ଏକାକି ଥିବା ବେଳେ ସମ୍ପୃକ୍ତ ନାବାଳକ ପ୍ରଲୋଭନ ଦେଖାଇ ତାଙ୍କୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲେ। ନାବାଳିକା ଖସି ଆସି ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ପ୍ରଥମେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରିଥିଲେ।

### ଫାଣ୍ଡି ଆଗରେ ୨ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ନିମାପଡ଼ା,୨୧।୯(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଧୀନ ଅଗରଶାସନ ଗ୍ରାମର ଦୁଇ ଯାଆ ସୋମବାର ଫାଣ୍ଡି ଆଗରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ଯାଆଙ୍କୁ କାବୁ କରିବା ସହ ତାଙ୍କଠାରୁ କିରୋସିନ ବୋତଲ, ଦିଆସିଲ ଜବତ କରିଛି। ଅନ୍ୟପକ୍ଷେ ନିଜ ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବାରୁ ଦୁଇ ଭାଇ ଓ ମହିଳାଦ୍ୱୟଙ୍କ ବିରୋଧରେ ପୋଲିସ ମାମଲା(ନଂ.୨୨୫/୨୦)ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ୨ଯାଆ ମୀନତି ତ୍ରିପାଠୀ, ଝୁନା ତ୍ରିପାଠୀ ଓ ସେମାନଙ୍କ ସ୍ୱାମୀ ବିନୋଦ ତ୍ରିପାଠୀ, ମନମୋହନ ତ୍ରିପାଠୀଙ୍କୁ ପୋଲିସ ଗିରଫ କରିବା ପରେ ନୋଟିସ ଦେଇ ଥାନାରୁ ଜାମିନ ପ୍ରଦାନ କରିଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

ନରାଜ,୨୧।୯(ଡି.ଏନ୍.ଏ): କଟକ-ବାଙ୍କୀ ମୁଖ୍ୟରାସ୍ତାର ପଦ୍ମନାଭନଗର ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦୁଝର ଅଞ୍ଚଳର ମଙ୍ଗଲ ସାଟର। ସେ ପଦନାଭନଗର ଅଞ୍ଚଳରେ ଏକ ଇଟାଭାଟିରେ କାମ କରୁଥିଲେ। ଏ ନେଇ ତାଙ୍କ ମାମୁ ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୩୯/୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଅନଶନ

ଜଟଣୀ,୨୧।୯(ଡି.ଏନ୍.ଏ.): ବକେୟା ପ୍ରାପ୍ୟ ପ୍ରଦାନରେ ବିଳମ୍ବ ହେବାରୁ ସୋମବାର ଜଟଣୀ ମ୍ୟୁନିସିପାଲିଟି କର୍ମଚାରୀ ବିଷ୍ଣୁ ପ୍ରସାଦ ମିଶ୍ର ଅଫିସ ଆଗରେ ଅନଶନରେ ବସିଛନ୍ତି। ବିଷ୍ଣୁଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଅନୁରୋଧ ସତ୍ତ୍ୱେ ନିର୍ବାହୀ ଅଧିକାରୀ ତାଙ୍କର ପ୍ରାପ୍ୟ ପ୍ରଦାନ କରୁ ନାହାନ୍ତି। ଏନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସମେତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ନିର୍ବାହୀ ଅଧିକାରୀ ତପନ ମହାପାତ୍ର କହିଛନ୍ତି, ପରିଷଦର ଅର୍ଥ ଆତ୍ମସାତ୍ ଘଟଣାରେ ବିଷ୍ଣୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରହିଛି। ଏହି ଘଟଣାରେ ସେ ପୂର୍ବରୁ ଚାକିରିରୁ ନିଲମ୍ବିତ ହୋଇଥିଲେ। ଲୋକାଲ ଫଣ୍ଡ ଅଡିଟ୍‌କୁ ତାଙ୍କର ବେତନ ନିର୍ଦ୍ଧାରଣ ପାଇଁ ପଠାଯାଇଛି।

### କଙ୍କଡ଼ାରେ ନୃସିଂହ ଅବତାର ଚର୍ଚ୍ଚା



ପୁରୀ ଅଫିସ, ୨୧।୯: ପୁରୀ ସମୁଦ୍ରରୁ ମିଳିଛି ଏକ ଭିନ୍ନ ପ୍ରଜାତିର କଙ୍କଡ଼ା। ପୂର୍ବରୁ ଏମିତି କଙ୍କଡ଼ା ଦେଖି ନ ଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। କଙ୍କଡ଼ାରେ ମହାପ୍ରଭୁଙ୍କ ନୃସିଂହ ଅବତାର ରହିଥିବା ଚର୍ଚ୍ଚା ହେଉଛି। ଏହାକୁ ଦେଖିବା ଲାଗି ଲୋକଙ୍କ ଭିଡ଼ ଜମିଥିଲା। ସୂଚନା ଅନୁଯାୟୀ, ପୁରୀ ପେଣ୍ଠକଟାର ଅରକ୍ଷିତ ବେହେରା ଓ ଜନାର୍ଦ୍ଦନ ବେହେରା ରବିବାର ମାଛ କିଣିବା ପାଇଁ ବେଳାଭୂମିକୁ ଯାଇଥିଲେ। ସେଠାରେ ଏକ ଡଙ୍ଗାରେ ଜାଲରେ ବହୁ ମାଛ ଓ କଙ୍କଡ଼ା ଥିଲେ। ସେଥିରେ ଏକ କଙ୍କଡ଼ା ଉପରି ଭାଗରେ ମହାପ୍ରଭୁଙ୍କ ନୃସିଂହ ଅବତାର ଥିବା ଦେଖିବାକୁ ମିଳିଥିଲା।

# ବ୍ରହ୍ମଗିରିରେ କଲେଜ, ପୁରୀରେ ନାମଲେଖା

**କଲେଜ ନ ପାଇ ଫେରିଲେ ଛାତ୍ରୀ**

ବ୍ରହ୍ମଗିରି,୨୧।୯(ଡି.ଏନ୍.ଏ.)

ଓଡିଶାରେ ସୋମବାରଠାରୁ +୨ ରେ ନାମ ଲେଖା ଆରମ୍ଭ ହୋଇଛି । ଏଥିସହ ସଂସ୍କୃତ ଉପଶାସ୍ତ୍ରୀ (+୨) ଓ ଧନ୍ଦାମୂଳକ ଶିକ୍ଷାର ମଧ୍ୟ ନାମ ଲେଖା ଚାଲିଛି। ନିଜର ପ୍ରଥମ ଚୟନରେ ନାମ ଲେଖିବାକୁ ବ୍ରହ୍ମଗିରି ଆସିଥିବା ଜଣେ ଛାତ୍ରୀ କଲେଜ ଖୋଜି ନ ପାଇବାରୁ ନିରାଶ ହୋଇ ଫେରିଛନ୍ତି । ଏ ସମ୍ପର୍କରେ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଫୋନରେ ଯୋଗାଯୋଗ କରିବାରୁ ଉତ୍ତର ମିଳିଲା ତୁମେ ପୁରୀକୁ ଆସ। ସେଠାରେ ତମର ସମସ୍ତ ଡକ୍ୟୁମେଣ୍ଟ ମୋତେ ଦେଲେ ମୁଁ ନାମ ଲେଖିଦେବି। ଏଭଳି ଉତ୍ତର ଶୁଣି ସମ୍ପୃକ୍ତା ଛାତ୍ରୀଜଣଙ୍କ ଉକ୍ତ ମହାବିଦ୍ୟାଳୟ ଉପରେ ଭରସା କରି ନ ପାରି ନାମ ଲେଖି ନ ଥିଲେ । ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବିଶ୍ୱନାଥ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ, ପୁରୀ ହେରାଗୋହରୀ ସାହିର ରୂପାଲି ଦାସ +୨ରେ ନାମ ଲେଖିବା ପାଇଁ ଅନଲାଇନରେ ପ୍ରଦର୍ଶନ କରୁଥିବା ବ୍ରହ୍ମଗିରିର ବୁଧଙ୍ଗସ୍ଥିତ ବିଶ୍ୱନାଥ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଚୟନ କରିଥିଲେ। ଏ ନେଇ ତାଙ୍କୁ ୨୦ଜେ୦୫୫୭୭୯୭ ନଂ. ବିଶିଷ୍ଟ ଇଣ୍ଟିମେସନ ଲେଟର ପାଇ ସୋମବାର ନାମ ଲେଖିବା ପାଇଁ ମାଙ୍କ ସହିତ ବୁଧଙ୍ଗ ଆସିଥିଲେ। କିନ୍ତୁ ସେଠାରେ ସେ କଲେଜକୁ ପାଇ ନ ଥିଲେ। ଏହି ସମୟରେ ଜଣେ ଖବରଦାତାଙ୍କୁ ପଚାରିବାରୁ ଉକ୍ତ ଛାତ୍ରୀ ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ଖବରଦାତା ଘଟଣାର ସତ୍ୟତା ଜାଣିବା ପାଇଁ ଉକ୍ତ ନଂ.୮୨୮୦୦୮୮୧୮୭ରେ ଫୋନ କରିବାରେ ସମ୍ପୃକ୍ତ ବ୍ୟକ୍ତି କଲେଜର କର୍ତ୍ତୃପକ୍ଷ କହି ସମାନ ଉତ୍ତର ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି କି ଏଭଳି ଏକ ଶିକ୍ଷାନୁଷ୍ଠାନକୁ ଗଣ ଶିକ୍ଷା ବିଭାଗ କିଭଳି ଅନଲାଇନ୍‌ରେ ସ୍ଥାନ ଦେଇଛି। ଯାହା ଉପରେ ଭରସା କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହେବାର ଆଶଙ୍କା କରାଯାଉଛି ।

# ବୁଡ଼େଇଲା, ଭସେଇଲା ବର୍ଷା





ଭୁବନେଶ୍ୱର ରସୁଲଗଡ଼-ବମିଖାଲ ମୁଖ୍ୟ ରାସ୍ତାରେ ଜମି ରହିଥିବା ବର୍ଷା ପାଣି। ମାଷ୍ଟରକ୍ୟାଣ୍ଟିନରୁ ରାଜମହଲ ରାସ୍ତାରେ ବର୍ଷା ପାଣିରେ ଅଧା ବୁଡ଼ିରହିଥିବା ଗାଡ଼ି।

**କଳବଳ କଲା ନିର୍ମାଣାଧୀନ ଡ୍ରେନ୍**

- ରାଜଧାନୀରେ ୮୦ ମିମିରୁ ଊର୍ଦ୍ଧ୍ୱ ବର୍ଷା
- ଜନପଥରେ ଭାସିଲା କାର, ଘରେ ପଶିଲା ପାଣି
- ସମ୍ବେଦନଶୀଳ ସ୍ଥାନରେ ନାହିଁ ବିଏମ୍‌ସି ପମ୍ପସେଟ୍

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସୋମବାର ପ୍ରବଳ ବର୍ଷା ହୋଇଥିଲା। ସନ୍ଧ୍ୟାସୁଦ୍ଧା ୮୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିବାବେଳେ କେତେବେଳେ ଝିପି ଝିପି ତ ଆଉ କେତେବେଳେ ମୁଷଳ ଧାରାରେ ବର୍ଷିଥିଲା। ବିଭିନ୍ନ ସ୍ଥାନରେ ଡ୍ରେନ୍ ନିର୍ମାଣ ଓ ମରାମତି କାମ ଚାଲିଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥିଲା। ମାଷ୍ଟର କ୍ୟାଣ୍ଟିନ୍‌ରୁ ରାଜମହଲ ରାସ୍ତା, ଏନ୍‌ଏଚ୍ ୫ର ଇସ୍କନ ସମ୍ମୁଖ, ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ୨ରୁ ୩ ଫୁଟ ଉଚ୍ଚର ପାଣି ଘଣ୍ଟା ଘଣ୍ଟା ଧରି ଲହଡ଼ି ମାରିଥିଲା। କାର ଭାସିବା ସହ ଅନେକ ଗାଡ଼ିରେ ପାଣି ପଶିଯାଇଥିଲା। ରସୁଲଗଡ଼, ଲକ୍ଷ୍ମୀସାଗର, ଜିଜିପି କଲୋନୀ, ଜଗନ୍ନାଥ ନଗର, ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ବିହାର, ଡେଲ୍‌ଟା, ୟୁନିଟ୍ ୮, ନୟାପଲ୍ଲୀ ଅଞ୍ଚଳର ଲୋକଙ୍କ ଘରେ ଆବର୍ଜନା ସହ ନର୍ଦ୍ଦମା ଓ ବର୍ଷା ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଦିନ ତମାମ ସହରବାସୀ କଳବଳ ହୋଇଥିଲେ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡ୍ରେନେଜ୍ ବିଭାଗର ଅପାରଗତା ଓ ଖାମଖିଆଲି ପାଇଁ ଏ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ କରାଇ ଆସୁଛି। ହେଲେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବାଟ ବନ୍ଦ ରହିଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିଲା। ବିଶେଷକରି ସମ୍ବେଦନଶୀଳ ସ୍ଥାନରେ ପମ୍ପ୍ ସେଟର ବ୍ୟବସ୍ଥା ହୋଇ ନ ଥିଲା। ଲୋକେ ସମସ୍ୟା ଭୋଗିବା ପରେ ଚେତା ପଶିଥିଲା। ବିଏମ୍‌ସି ଡ୍ରେନେଜ୍ ବିଭାଗର ଜନୈକ ଅଧିକାରୀ କହିଛନ୍ତି, ସହରରେ ୧୦୦ରୁ ଊର୍ଦ୍ଧ୍ୱ ନୂଆ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ହେଲେ କରୋନା ପାଇଁ ଗତ ୫ ମାସ ଠିକ୍ ଢଙ୍ଗରେ କାମ ହୋଇପାରିନାହିଁ। ହଠାତ୍ ଜୋର୍‌ରେ ବର୍ଷା ହେବାରୁ ଜଳ ନିଷ୍କାସିତ ହୋଇ ନ ପାରି ଏପରି ସ୍ଥିତି ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି।

# କାର୍ ସିକ୍ରେଟ ଚାମ୍ବରରୁ ୧୫ ଲକ୍ଷର ଗଞ୍ଜେଇ ଜବତ



**୩ କାର ଜବତ, ୬ ଗିରଫ**

ଭୁବନେଶ୍ୱର, ୨୧।୯(ବ୍ୟୁରୋ): କାର୍‌ରେ ସିକ୍ରେଟ ଚାମ୍ବର କରି ସେଥିରେ ଗଞ୍ଜେଇ ଚୋରା ଚାଲାଣ। ଏଭଳି ଦ୍ୱିତୀୟ ଘଟଣା ରାଜଧାନୀରୁ ଧରାପଡିଛି। ତମାଣ୍ଡୋ ଥାନା କଳିଙ୍ଗବିହାର ଭଗବାନପୁର ଅଞ୍ଚଳରେ ତମାଣ୍ଡୋ ଥାନା ପୋଲିସ ଓ କ୍ୟୁଏଟି ମିଳିତ ଭାବେ ଚଢାଉ କରି ୩ଟି ଦାମୀ କାରରୁ ୧୩୫ କେଜିର ଗଞ୍ଜେଇ ଜବତ କରିଛି। କନ୍ଧମାଳରୁ ବାହାର ରାଜ୍ୟକୁ ଯାଉଥିବା ଏହି ଗଞ୍ଜେଇର ମୂଲ୍ୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ହେବ। କାରର ପଛ ସିଟ୍ ଓ ଡିକି ମଝିରେ ସିକ୍ରେଟ ଚାମ୍ବର କରାଯାଇ ଏହି ଗଞ୍ଜେଇ ଚାଲାଣ କରାଯାଉଥିଲା। ଏହି ଘଟଣାରେ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଶିବଶିନ୍ଧୁ ଦିଗାଲ(୩୩), କୁନୁ ପ୍ରଧାନ(୨୫), ମଧ୍ୟମ ବେହେରା(୩୫), ଦୀପକ ବେହେରା(୩୪), ସଂଗ୍ରାମ ନାୟକ(୩୨) ଓ ପରିକ୍ଷିତ ସାହୁ(୩୬)। ଏମାନଙ୍କ ଘର କନ୍ଧମାଳ ଜିଲାରେ। ଏଥିସହ ସେମାନଙ୍କଠାରୁ ୩ କାର ସହ ୫୫ ହଜାର ଟଙ୍କା ଓ ୪ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ-୧୨୨/୨୦) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ପାରୋଲରେ ଆସି ଗଞ୍ଜେଇ ଚାଲାଣ କରୁଥିବା ପଚରାଉଚରାବେଳେ ପୋଲିସ ଜାଣିବାକୁ ପାଇଛି। ଏମାନେ ଅନ୍ୟ କେଉଁ ଅପରାଧରେ ସମ୍ପୃକ୍ତ ଅଛନ୍ତି ସେନେଇ ଖୋଳତାଡ଼ ଚାଲିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଖଣ୍ଡଗିରି ଅଞ୍ଚଳରୁ ରାଜସ୍ୱ ଗୋଇନ୍ଦା ବିଭାଗ ଏକ ପରିବା ଟ୍ରକ୍‌ରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେହିପରି ଗତ ୧୧ ତାରିଖରେ ବାଲିପାଟଣା ପଦ୍ମପୁର ଅଞ୍ଚଳରୁ ଗୋଟିଏ ଦୋକାନ ଭିତରୁ ୧୧ଲକ୍ଷ ଟଙ୍କାର ଗଞ୍ଜେଇ ଓ ୧୮ ତାରିଖରେ ଖଣ୍ଡଗିରି ଥାନା ଭରତପୁର ଅଞ୍ଚଳରୁ ଏକ ବୋଲେରୋର ସିକ୍ରେଟ ଚାମ୍ବରରୁ ୯୩ କେଜି ଗଞ୍ଜେଇ ଜବତ କରାଯାଇଥିଲା।

## ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ରଙ୍କ ପରଲୋକ

ଚୌଦ୍ୱାର,୨୧।୯(ଡି.ଏନ୍.ଏ.)

ଚୌଦ୍ୱାରର ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ପୃଷ୍ଟିଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୬୫ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଚୌଦ୍ୱାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୈଳାସ ଚୌଦ୍ୱାର ପୌରପାଳିକାର ୫ ଓ ୮ନଂ ୱାର୍ଡରୁ ୫ଥର କାଉନ୍‌ସିଲର ଭାବେ ନିର୍ବାଚିତ ହୋଇ ଜନସେବା କରିବା ସହ ପରେ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦାମୋଦର ସାହୁ, ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସତ୍ୟପ୍ରକାଶ




ପୁରୀ ଅଫିସ, ୨୧।୯

ଆଇସ୍‌କ୍ରିମ କାଠିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ତିଆରି କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାଁକୁ ସ୍ଥାନିତ କରିଛନ୍ତି ପୁରୀର ଯୁବ ଶିଳ୍ପୀ ସତ୍ୟପ୍ରକାଶ ନାୟକ। ମାତ୍ର ୧୮ ବର୍ଷ ବୟସରେ ଏହି ସଫଳତା ପାଇଛନ୍ତି କୁଣ୍ଡେଇବେଣ୍ଟ ସାହିର ରାଜଲକ୍ଷ୍ମୀ ଏବଂ ବାଳକୃଷ୍ଣଙ୍କ ପୁଅ ସତ୍ୟପ୍ରକାଶ। ଗତ ଜୁନ୍ ୨୫ରେ ସେ ୬୫୦ ଖଣ୍ଡ କାଠିରେ ୩୮ ସେମି ଉଚ୍ଚତା ଏବଂ ୩୨ ସେମି ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ କୁନି ରଥକୁ ୫ ଦିନରେ ନିର୍ମାଣ କରିଥିଲେ। ସାରଥୀ, ଘୋଡ଼ା, ପାର୍ଶ୍ୱ ଦେବାଦେବୀ ମଧ୍ୟ ଆଇସ୍‌କ୍ରିମ କାଠିରେ ତିଆରି କରିଥିଲେ। ଏଥିସହ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ରଥ ଦଉଡ଼ି ତିଆରି କରିଥିଲେ। ରବିବାର ତାଙ୍କ ପାଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ପଠାଯାଇଥିବା ପ୍ରମାଣପତ୍ର, ପଦକ, ପେନ୍, ପରିଚୟପତ୍ର ଓ ବ୍ୟାଚ୍ ଆଦି ଆସି ପହଞ୍ଚିଛି। ଏଭଳି ସଫଳତାର ଶ୍ରେୟ ସେ ମହାପ୍ରଭୁ ଏବଂ ମା, ବାପାଙ୍କୁ ଦେଇଛନ୍ତି। ସତ୍ୟପ୍ରକାଶ କହିଛନ୍ତି, ଏଥର କରୋନା ପାଇଁ ରଥଯାତ୍ରାରୁ ବଞ୍ଚିତ ହୋଇଥିଲି। ତେଣୁ ଆଇସ୍‌କ୍ରିମ୍ କାଠିରେ ରଥ ଗଢିବାକୁ ସ୍ଥିର କରିଥିଲି।

## ଗୋପୀନାଥଙ୍କୁ ଝୁରୁଛି ସତ୍ୟବାଦୀ

ସାକ୍ଷୀଗୋପାଳ,୨୧।୯(ଡି.ଏନ୍.ଏ.)

ସତ୍ୟବାଦୀ ଅଞ୍ଚଳର ସାମାଜିକ କର୍ମୀ ତଥା ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଗୋପୀନାଥ ନନ୍ଦଙ୍କୁ ଅଞ୍ଚଳବାସୀ ଓ ତାଙ୍କ ପ୍ରଶଂସକ ଝୁରୁଛନ୍ତି। ୧୯୩୩ ନଭେମ୍ବର ୨୬ରେ ସେ ବୀରଗୋବିନ୍ଦପୁରରେ ଜନ୍ମଗ୍ରହଣ କରିଥିଲେ। ପିଲାଟି ଦିନୁ ଗୋପୀନାଥ ପିତା ଗୋବିନ୍ଦ ନନ୍ଦ ଓ ମାତା ଫକିରୀ ନନ୍ଦଙ୍କଠାରୁ ସେବା କରିବାର ଉତ୍ସାହ ପାଇଥିଲେ। ଚାକିରି ଜୀବନରେ ସହକର୍ମୀଙ୍କ ସମସ୍ୟାର ସମାଧାନ ପାଇଁ ଅଲ ଓଡ଼ିଶା ନନ୍- ଗେଜେଟେଡ୍ ଭେଟେରିନାରି ଏମ୍ପ୍ଲୟି ଆସୋସିଏଶନ ପ୍ରତିଷ୍ଠା କରି ସେ ପ୍ରତିଷ୍ଠାତା, ସାଧାରଣ ସମ୍ପାଦକ ରହିଥିଲେ। ସାକ୍ଷୀଗୋପାଳରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟି ସଦସ୍ୟ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରେରଣାରେ ରାଜନୀତିରେ ପାଦ ଥାପି ସ୍ୱର୍ଗତ ନନ୍ଦ ମୃତ୍ୟୁ ପର୍ଯ୍ୟନ୍ତ ଜନତାଙ୍କ ସେବା କରିଥିଲେ। ଏପରିକି ବିଜୁ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କ ସହଯୋଗରେ ସେ ସାର୍ବଜନୀନ କାର୍ଯ୍ୟକରି ବେଶ ପ୍ରଶଂସନୀୟ ହୋଇଛନ୍ତି। ସତ୍ୟବାଦୀ ପଞ୍ଚସଖାଙ୍କ ନୀତି ଆଦର୍ଶର ଅନୁପ୍ରାଣିତ ହୋଇ କର୍ମକୁ ସେବା ଭାବେ ଗ୍ରହଣକରି ସେ ମୃତ୍ୟୁ ପର୍ଯ୍ୟନ୍ତ ସଂଗ୍ରାମ ଚଳାଇଥିଲେ।

## ଭଙ୍ଗାଗଲା ଆସାମ ଭବନ

ପୁରୀ ଅଫିସ,୨୧।୯: କିଛିଦିନ ପରେ ପୁଣି ଶ୍ରୀମନ୍ଦିର ଚୌହଦୀରୁ ଉଚ୍ଛେଦ ଆରମ୍ଭ ହୋଇଛି। ସୋମବାର ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରସ୍ଥିତ ୪ମହଲା ବିଶିଷ୍ଟ ଆସାମ ଭବନର ଅଧା ଅଂଶ ସହ ଏକ ଘରୋଇ କୋଠା ଭଙ୍ଗାଯାଇଛି। ଉପଜିଲାପାଳ ଭବତାରଣ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ହୋଇଥିଲା। ମଙ୍ଗଳବାର ଆସାମ ଭବନର ବଳକା ଅଂଶ ଭଙ୍ଗାଯିବ ବୋଲି ଉପଜିଲାପାଳ କହିଛନ୍ତି।

## ସ୍ଥିତି ପରଖିଲେ ସିଫା ବୈଜ୍ଞାନିକ

**ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରିବା ଘଟଣା**

ପୁରୀ ଅଫିସ,୨୧।୯

ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରିବା ଘଟଣାକୁ ଗୁରୁତ୍ୱର ସହ ନେଇଛି ମତ୍ସ୍ୟ ବିଭାଗ। କାହିଁକି ଓ କେଉଁ ପରିସ୍ଥିତିରେ ଶହ ଶହ ସଂଖ୍ୟାରେ ମାଛ ମଲେ ତାହାର ଖୋଳତାଡ଼ ଚାଲିଛି। ସୋମବାର ସିଫାର ବରିଷ୍ଠ ବୈଜ୍ଞାନିକ ପୁରୀ ଆସି ବାସ୍ତବ ସ୍ଥିତି ପରଖିଛନ୍ତି।

ନରେନ୍ଦ୍ର ପୁଷ୍କରିଣୀରେ ମାଛ ମରି ଭାସୁଥିବା ଗତ ୧୮ ତାରିଖରେ ଜଣାପଡ଼ିଥିଲା। ମୂଷା ନଈର ବର୍ଜ୍ୟ ଜଳ ପୁଷ୍କରିଣୀରେ ପଶିବାରୁ ପାଣି ପ୍ରଦୂଷିତ ହୋଇଥିବା ଏବଂ ଅମ୍ଳଜାନ ପରିମାଣ ମାତ୍ରା ହ୍ରାସ ପାଇଥିବା ନେଇ ଲୋକେ କହିଥିଲେ। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ନରେନ୍ଦ୍ର ଜଳ ନମୁନା ସଂଗ୍ରହ କରାଯାଇ ସିଫା ପଠାଯାଇଥିଲା। ମାତ୍ର ଗୋଟିଏ ସ୍ଥାନରୁ ଏହି ଜଳ ନମୁନା ସଂଗ୍ରହ ହୋଇ ଥିବାରୁ ରିପୋର୍ଟ ଠିକ୍ ହେବ ନାହିଁ ବୋଲି ସିଫାର ବୈଜ୍ଞାନିକ କହିଥିଲେ। ପରେ ସୋମବାର ସିଫାର ୨ଜଣ ବୈଜ୍ଞାନିକ, ଜଣେ ପାଥୋଲୋଜିଷ୍ଟ, ଜଣେ ପ୍ରଶାସକ ନରେନ୍ଦ୍ର ପୁଷ୍କରିଣୀକୁ ବିଭିନ୍ନ ଜାଗାରୁ ଜଳ ନମୁନା ଓ ମୂଷାନଈ ପାଣିର ନମୁନା ନେଇଛନ୍ତି। ପୁଷ୍କରିଣୀର ଜିଅନ୍ତା ମାଛ ମଧ୍ୟ ପରୀକ୍ଷା ପାଇଁ ନେଇଛନ୍ତ ବୋଲି ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରା କହିଛନ୍ତି।

# ଜ୍ଞାନକୌଶଳ ବିନିଯୋଗରେ ମାନବ ସମ୍ବଳ ବିକାଶ ସମ୍ଭବ

କଟକ ଅଫିସ, ୨୧।୯

ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ୧୫ତମ ଇ-ପାଠ୍ୟଚକ୍ର ଗୁଗଲ୍ ମିଟ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। 'ଜାତୀୟ ଶିକ୍ଷା ନୀତି ୨୦୨୦: ଅତୀତ ସର୍ବେକ୍ଷଣ ଓ ପ୍ରତ୍ୟାଶା' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ଅରୁଣ ତ୍ରିପାଠୀ, ଲଳିତ ନାରାୟଣ ମିଥିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଅମ୍ରିତ ଝା, କେନ୍ଦ୍ରାପଡ଼ା ଏଚ୍‌ଏନ୍‌ଏସ୍ କଲେଜର ଅଧ୍ୟାପିକା ମନୀଷା ମହାରଣା ଏବଂ ଇନ୍ଦୋରସ୍ଥ ମୌଲାନା ଆଜାଦ ପ୍ରବନ୍ଧନ ସଂସ୍ଥାନର ସହକାରୀ ପ୍ରଫେସର୍ ଆଶିଷ ପ୍ରଧାନ ବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସାହିତ୍ୟ ଓ ସଂସ୍କୃତି ବିଭାଗ ସଂଯୋଜକ ଗୁପ୍ତେଶ୍ୱର ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବୈତରଣୀ ଦଳର ସଂଯୋଜିକା ଅହଲ୍ୟା ଗୋଛାୟତ ବନ୍ଦନା ପରିବେଷଣ କରିଥିଲେ। ବିବେକାନନ୍ଦ ଯୁବ ସଂସଦ ପାଠ୍ୟଚକ୍ର ପରିଚାଳନା ସମିତି ତମସା ଦଳର ପାର୍ଥସାରଥି ସାହୁ, ଦିଲେଶ୍ୱର ବିଶୋଇ ଏବଂ ସଞ୍ଜୟ ମୁଖୀ ସଭା ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ସଂଯୋଜକ ଅଧ୍ୟାପକ ବୈକୁଣ୍ଠ ବେହେରା ଧନ୍ୟବାଦ ଦେଇଥିଲେ। ଜୈବିକ କୃଷି ଓ ଅବାରିତ ଗ୍ରାମୀଣ ବିକାଶ ଶୀର୍ଷକରେ ଆଗାମୀ ୱେବିନାର ହେବ ବୋଲି ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ କହିଛନ୍ତି।

# ବନ୍ଧ କରି ଜମିକୁ ପାଣି ନେଲେ ଚାଷୀ



ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ହୋଇଥିବା ଅସ୍ଥାୟୀ ବନ୍ଧ।

ଖୋର୍ଦ୍ଧା ଅଫିସ,୨୧।୯

ଚଳିତ ବନ୍ୟାରେ ଖୋର୍ଦ୍ଧା ଜିଲାରେ ବ୍ୟାପକ କ୍ଷତି ହୋଇଛି। ବୋଲଗଡ଼ ବ୍ଲକ ଅସରଳା ପଞ୍ଚାୟତର ଅସରଦଳ ଗ୍ରାମ ନିକଟ ମାଳିବନ୍ଧଠାରେ ଜମିକୁ ଜଳସେଚନ ଲାଗି ହୋଇଥିବା ଏକ ଚେକ ଡ୍ୟାମ ବନ୍ୟାଜଳରେ ଧୋଇଯାଇଛି। ଏହାର ମରାମତି ପାଇଁ ପ୍ରଶାସନ ନିକଟରେ ଦାବି ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ସୋମବାର ସ୍ଥାନୀୟ ଗ୍ରାମବାସୀ ତଥା ଚାଷୀ ଏକତ୍ରିତ ହୋଇ ଏକ ଅସ୍ଥାୟୀ ବନ୍ଧ ନିର୍ମାଣ କରିବା ସହ ଜମିରେ ପାଣି ମଡ଼ାଇଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଚାଷଜମିକୁ ଜଳସେଚନ ଲାଗି ୨ବର୍ଷ ପୂର୍ବେ ପ୍ରାୟ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାଳିବନ୍ଧଠାରେ ଏକ ଚେକ ଡ୍ୟାମ ନିର୍ମାଣ ହୋଇଥିଲା। କିନ୍ତୁ ନିମ୍ନମାନର କାମ ଯୋଗୁ ଚଳିତ ବନ୍ୟାଜଳରେ ଏହା ଧୋଇଯାଇଥିଲା। ନଦୀରେ ପାଣି ଥିଲେ ମଧ୍ୟ ଜମିରେ ପାଣି ମଡ଼ାଇବାରେ ବଞ୍ଚିତ ହୋଇଥିଲେ ଚାଷୀ। ଫଳରେ ପ୍ରାୟ ୪ଶହ ହେକ୍ଟର ଜମି ପଡିଆ ପଡିଛି ବୋଲି ଗ୍ରାମବାସୀ କହିଛନ୍ତି। ବନ୍ଧ ନିର୍ମାଣ ଲାଗି ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନକୁ ଅନୁରୋଧ କରଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ସ୍ଥାନୀୟ ଗ୍ରାମବାସୀ ଏକତ୍ରିତ ହୋଇ ମାଟି ଓ ବାଲିବସ୍ତା ଦେଇ ବନ୍ଧ ନିର୍ମାଣ କରି ଜମିକୁ ପାଣି ମଡ଼ାଇବା ପାଇଁ ବ୍ୟବସ୍ଥା କରିଥିଲେ। ଖରିଫ ଚାଷ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ଏହି ଅସ୍ଥାୟୀ ବନ୍ଧ ନିର୍ମାଣ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଭାଙ୍ଗି ଯାଇଥିବା ମାଳିବନ୍ଧକୁ ତୁରନ୍ତ ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସମସ୍ୟା ସମାଧାନ ଲାଗି ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି।

## ଦାଦାବଟି ମାଗି ୩ ଗିରଫ

ପୁରୀ ଅଫିସ: ଦାଦା ବଟି ମାଗିବା ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଉପର ରାମଚଣ୍ଡୀ ସାହିର ମହେଶ ମହାପାତ୍ର, ପ୍ରଶାନ୍ତ ପଟ୍ଟନାୟକ ଓ ଜଗନ୍ନାଥ ସାହୁ। ଅଭିଯୋଗ ଅନୁସାରେ ଗତ ୧୮ ତାରିଖରେ କୁମୁଟିସାହିର ଅମିତ ମହାନ୍ତି ନନ୍ଦାଲୁଆ ଛକରେ ତାଙ୍କ ନିର୍ମାଣ କାମ ଦେଖୁଥିଲେ। ଉପରୋକ୍ତ ୩ ଅଭିଯୁକ୍ତଙ୍କ ସମେତ ୪ ଯୁବକ ୨ଟି ବାଇକରେ ପହଞ୍ଚି ଅମିତଙ୍କୁ ୫୦ ହଜାର ଟଙ୍କା ଦାଦା ବଟି ମାଗିଥିଲେ। ସେ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ ମାରି ତାଙ୍କର ସୁନାଚେନ, ମୁଦି ଓ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଚଳାଇଥିଲା।

# ଭୁବନେଶ୍ୱରରେ ସଂକ୍ରମଣ ୧୯ହଜାର ଛୁଇଁବ

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**



### ଆଉ ୩୦୬ ପଜିଟିଭ୍, ୫୦୬ ସୁସ୍ଥ

ଭୁବନେଶ୍ୱରରୁ ସୋମବାର ୩୦୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୫୦୬ଜଣ ସୁସ୍ଥ ହୋଇଛନ୍ତି। ନୂଆ ଚିହ୍ନଟଙ୍କ ମଧ୍ୟରେ ସଙ୍ଗରୋଧରୁ ୧୨୩ ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୧୮୩ଜଣ ଆକ୍ରାନ୍ତ ରହିଛନ୍ତି। ସଙ୍ଗରୋଧରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିଲେ। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହଜାରର ନିକଟତର ହୋଇଥିବା ପରିଲକ୍ଷିତ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୂଚନା ମୁତାବକ, ସରକାରୀ ସଙ୍ଗରୋଧରୁ ଜାଗମରା, ଟଙ୍କପାଣି ରୋଡ, ସତ୍ୟନଗର, ୟୁନିଟ-୪, ପଟିଆରୁ ୪ଜଣ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୪ଜଣ ପୋଲିସ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି।

ଆଇଗିଣିଆ, ଖଣ୍ଡଗିରି ବିହାର, ଆଇଆର୍‌ସି ଭିଲେଜ, ଖଣ୍ଡଗିରି ବିହାର, ଶୈଳଶ୍ରୀ ବିହାରରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ସଂକ୍ରମଣ ଯୋଗୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଲକ୍ଷ୍ମୀସାଗରରୁ ୧୦ଜଣ, ୟୁନିଟ-୯ରୁ ୭ ଜଣ, ଟଙ୍କପାଣି ଜୁଡିସିଆଲ କଲୋନୀରୁ ୫ଜଣ, ଆଇଆର୍‌ସି ଭିଲେଜ, ଚକେଇସିଆଣିରୁ ୪ଜଣ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଏପର୍ଯ୍ୟନ୍ତ ଭୁବନେଶ୍ୱରରୁ ୧୮,୮୯୮ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଏଥିରୁ ୧୪,୯୪୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କିନ୍ତୁ ଏବେ ବି ୩, ୮୭୪ ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି ଓ ୬୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି।

## ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୨୮ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୨୧।୯:**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୧୨୮ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୫୭ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବେଗୁନିଆରେ ଜଣଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୬, ବାଲିପାଟଣା ୧୫, ଭୁବନେଶ୍ୱର ବ୍ଲକ ୧୬, ଜଟଣୀ ୧୫, ଖୋର୍ଦ୍ଧା ବ୍ଲକ ୨୯, ବେଗୁନିଆ ୮, ବୋଲଗଡ଼ ୫, ଟାଙ୍ଗୀ ୭, ବାଣପୁର ୧୧ ଏବଂ ଚିଲିକାର ୬ଜଣ ରହିଛନ୍ତି।

### ୬୮୫୬୮ ସ୍ୱାବ୍ ପରୀକ୍ଷାରୁ ୮୮୪୩ ଆକ୍ରାନ୍ତ, ୩୮ ମୃତ

ଅନ୍ୟପକ୍ଷରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ସୁଦ୍ଧା ମୋଟ୍ ୬୮ହଜାର ୫୬୮ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିବା ବେଳେ ୮୮୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୭୪୮୪ଜଣ ସୁସ୍ଥ ହୋଇଥିବା ବେଳେ ୧୩୨୧ଜଣ ସକ୍ରିୟ ରହିଛନ୍ତି। ୩୮ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଏସ୍‌ସିବିରେ ନୂଆ କୋଭିଡ୍ ହସ୍ପିଟାଲ ପାଇଁ ସମୀକ୍ଷା

**କଟକ ଅଫିସ,୨୧।୯**

ଏସ୍‌ସିବିରେ ନୂତନ ଭେଷଜ କୋଠାରେ କୋଭିଡ୍ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ସୋମବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ସମୀକ୍ଷା ବୈଠକ ବସିଥିଲା। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସ ଉପସ୍ଥିତ ଥିଲେ। କୋଭିଡ୍ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକ ଥିବା ସମସ୍ତ କାର୍ଯ୍ୟକୁ ସମୟ ଧାର୍ଯ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ନୂତନ ଭେଷଜ ବ୍ଲକ(କୋଠା)ରେ ରୋଗୀଙ୍କୁ ଉପଯୁକ୍ତ ସ୍ଥାନାନ୍ତର, ପୂର୍ବରୁ ଚାଲୁଥିବା ଆଇସୋଲେଶନ ୱାର୍ଡକୁ ଏକତ୍ର କରି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଚାଲୁ କରାଇବା ଏବଂ କୋଭିଡ୍ ହସ୍ପିଟାଲ ପାଇଁ ମନସ୍ତତ୍ତ୍ୱ ବିଭାଗରୁ ଜଣକୁ କାଉନ୍‌ସେଲର ଭାବେ ନିୟୋଜିତ କରାଯିବା ଆଦି ସମ୍ପର୍କରେ ଆରଡିସି ସାମଲ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ହେବାକୁ ଥିବା ଆର୍‌ଏସ୍‌ଆଇସି କୋଠା ସହ ବାକି ଥିବା ସମସ୍ତ ମରାମତି କାର୍ଯ୍ୟ, ବ୍ୟାରିକେଡିଂ, ଟିଟାନସ, ଡାଇରିଆ ୱାର୍ଡ ନିର୍ମାଣ କାର୍ଯ୍ୟ ଆଦିକୁ ଯଥାଶୀଘ୍ର ଶେଷ କରିବା ପାଇଁ କହିଥିଲେ। ଏଥିସହ ସାଧାରଣ ବିଦ୍ୟୁତ ବିଭାଗ, ପାନୀୟ ଜଳ ଜନସ୍ୱାସ୍ଥ୍ୟ ଆଦି ସମସ୍ତ କାର୍ଯ୍ୟ ପାଇଁ ଡା. ଜୟନ୍ତ ପଣ୍ଡାଙ୍କ ସହ ପରାମର୍ଶ କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଷ୍ଟୋର ମେଡିକାଲ ଅଧିକାରୀଙ୍କୁ ମଧ୍ୟ ଶୀଘ୍ର ଔଷଧ, ଯନ୍ତ୍ରପାତି ଆଦି କ୍ରୟ ପାଇଁ ପଦକ୍ଷେପ ନେବାକୁ କୁହାଯାଇଥିଲା। ସମୀକ୍ଷା ସମୟରେ ଏସ୍‌ସିବି ମେଡିକାଲ କଲେଜର ଅଧ୍ୟକ୍ଷ ଡା. ଦଣ୍ଡେଶ୍ୱର ହୋତାଙ୍କ ସମେତ ଡାକ୍ତର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାସ୍କ ନ ପିନ୍ଧି ପୋଲିସ ସହ ଯୁକ୍ତିତର୍କ

ପୁରୁଣା ଭୁବନେଶ୍ୱର,୨୧।୯(ଡି.ଏନ୍.ଏ.): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସରକାରଙ୍କ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନ କୋହଳ ହୋଇଥିଲେ ମଧ୍ୟ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ପାଇଁ ନିୟମ ରହିଛି। ହେଲେ କେତେଜଣ ଅମାନିଆ ଏହି ନିୟମକୁ ମାନୁ ନ ଥିବା ଶ୍ରୀଲିଙ୍ଗରାଜ ନ୍ୟୁ ମାର୍କେଟ କମ୍ପ୍ଲେକ୍ସରେ ଦେଖିବାକୁ ମିଳିଛି। ଯାହାକୁ ନେଇ ସୋମବାର ପୋଲିସ ଓ ବ୍ୟବସାୟୀଙ୍କ ମଧ୍ୟରେ ବଚସା ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଉକ୍ତ ମାର୍କେଟରେ ସଚେତନ କରିବା ସହ ମାସ୍କ ପିନ୍ଧି ନ ଥିବା ବ୍ୟବସାୟୀଙ୍କୁ ତାଗିଦ୍ କରିଥିଲେ। ଜଣେ ବ୍ୟବସାୟୀ ମାସ୍କ ପିନ୍ଧି ନ ଥିବାରୁ ପୋଲିସ କର୍ମଚାରୀ ତାଙ୍କୁ ତାଗିଦ କରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ପୋଲିସ କର୍ମଚାରୀଙ୍କ ସହ ଯୁକ୍ତି କରିଥିଲେ। ଏନେଇ କିଛି ସମୟ ପାଇଁ ସେଠାରେ ହୋହଲ୍ଲା ହୋଇଥିଲା। ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ୭ ଗୋରୁ ଉଦ୍ଧାର, ୨ ଗିରଫ

ଖୋର୍ଦ୍ଧା ଅଫିସ,୨୧।୯: ଗୋ'ଚାଲାଣ ଅଭିଯୋଗରେ ଖୋର୍ଦ୍ଧା ଟାଉନ ପୋଲିସ ସୋମବାର ଦୁଇଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ କେରଙ୍ଗ ଗ୍ରାମର ନାସିର ଅହମ୍ମଦ ଖାନ୍ ଏବଂ ଓହିଦ ଖାନ୍। ସୂଚନା ମୁତାବକ, ରବିବାର ରାତିରେ ଦୁଇଭାଇ ଏକ ଟାଟାଏସିଇ ଗାଡିରେ ଗୋରୁ ନେଇ କେରଙ୍ଗ ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଖବରପାଇ ପୋଲିସ କୁମାରବସ୍ତ ଗ୍ରାମ ଛକରେ ଗାଡିକୁ ଅଟକାଇଥିଲେ। ଗାଡିକୁ ଜବତ କରିବା ସହିତ ୭ ଗୋରୁ ଉଦ୍ଧାର କରି ଭୁବନେଶ୍ୱରସ୍ଥିତ ଗୋଶାଳାରେ ଛାଡ଼ିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୩୧/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ଲୁଟ୍ ଘଟଣାରେ ୩ ଗିରଫ

ଖୋର୍ଦ୍ଧା ଅଫିସ,୨୧।୯: ଲୁଟ୍ ଘଟଣାରେ ସୋମବାର ଖୋର୍ଦ୍ଧା ଟାଉନ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅଧୀନ ମାଣିକପାଟଣା ଗ୍ରାମର ପ୍ରଭାତ ମହାପାତ୍ର, ବୁଲୁ ଦଳେଇ ଓ ପ୍ରିତମ ସାହୁ। ଏମାନଙ୍କଠାରୁ ଏକ ବାଇକ୍ ଓ ୩ଟି ମୋବାଇଲ ଫୋନ ଜବତ ହୋଇଛି। ସୂଚନାଥାଉ କି, ଗତ ଅଗଷ୍ଟ ମାସରେ ବରୁଣେଇ ନିକଟ ଗଡ଼ଖୋର୍ଦ୍ଧା-ତରାବୋଇ ଘାଟିରୁ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ଅଭିଯୁକ୍ତମାନେ ଅଟକାଇ ତାଙ୍କର ମୋବାଇଲ ଓ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ।

### ପ୍ରେସ୍ କ୍ଲବ୍‌ର ବୈଠକ

କଟକ ସଦର,୨୧।୯(ଡି.ଏନ୍.ଏ.):କଟକ ସଦର ପ୍ରେସ କ୍ଲବର ସାଧାରଣ ବୈଠକ ଜଗନ୍ନାଥପୁରଠାରେ ସଭାପତି ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପ୍ରତାପ କେଶରୀ ପାତ୍ର, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଅଜୟ ଦାଶ ଯୋଗଦେଇ କରୋନା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଓ ନିରାପତ୍ତା ଉପରେ ଆଲୋଚନା କରିଥିଲେ। ଏହା ସହ କ୍ଲବର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ସୁବାସ ନାୟକ, ଅଜୟ ପାତ୍ର, ରାଜ କିଶୋର ବେହେରା, ଅମିତ୍ ପରିଜା, ଧୀରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ କ୍ଲବର ଉପଦେଷ୍ଟା ଇଂ. ସନ୍ନ୍ୟାସୀ ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ପତି, ଆଇନଜୀବୀ କବି ନାରାୟଣ ଜେନା ବୈଠକରେ ଉପସ୍ଥିତ ଥିଲେ।



ୱେବ ମାଧ୍ୟମରେ ଅନୁଷ୍ଠିତ ଗ୍ଲୋବାଲ ନୂଆଖାଇ ଭେଟଘାଟ- ୨୦୨୧ରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନ ।

## କେଉଟପଡ଼ା ବୋମା ମାଡ଼ ଘଟଣା: ଜଣେ ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୨୧।୯(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କେଉଟପଡ଼ା ଗ୍ରାମରେ ଗତ ୧୮ ତାରିଖ ମଧ୍ୟ ରାତ୍ରରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ ଆଠଗଡ ଥାନା ବଡ଼ଭୂଇଁ ଗ୍ରାମର ସନ୍ଦୀପ ବେହେରା। ସନ୍ଦୀପ ତା'ର ଅନ୍ୟ ୨ ଜଣ ସହଯୋଗୀଙ୍କ ସହ ଏକ ବାଇକରେ ଆସି କେଉଟପଡା ଗ୍ରାମର ଅଶ୍ୱିନୀ ପଣ୍ଡାଙ୍କ ଘର ଉପରକୁ ବୋମା ପକାଇ ଫେରାର ହୋଇଯାଇଥିଲା । ଏହି ଘଟଣାରେ ପୋଲିସ ନଂ.୧୨୪/୨୦ ରେ ମାମଲା ରୁଜୁ କରି ତଦନ୍ତ ଚଳାଉଥିଲା। ଏକ ବିଶେଷ ସୂତ୍ରରୁ ସନ୍ଦୀପ ଘରେ ଥିବା ଜାଣି ସୋମବାର ପୋଲିସ ଚଢ଼ାଉ କରି ଧରିଥିଲା। ଅନ୍ୟ ୨ଜଣଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ କହିଛନ୍ତି। ଗିରଫ ସନ୍ଦିପର କୋଭିଡ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭି ବାହାରିଥିଲା । ତାକୁ କୋର୍ଟରୁ ଜେଲ ବାହାରକୁ ନିଆଯାଇ ସେଠାରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅନୁମତି ନେଇ ପୋଲିସ ହେପାଜତରେ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ନିଆଯିବ ବୋଲି ଆଇଆଇସି ଦାସ କହିଛନ୍ତି।

## ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମଲେଖା

**କଟକ ଅଫିସ, ୨୧।୯**

ରାଜ୍ୟରେ ଯୁକ୍ତ ୨ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ କଟକ ସହରରେ ଥିବା ବିଭିନ୍ନ କଲେଜରେ ଛାତ୍ରୀଛାତ୍ରଙ୍କ ଭିଡ଼ ରହିଛି। ନାମଲେଖାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ କଟଅଫ ମାର୍କ ତାଲିକାରେ ପ୍ରଥମ ସ୍ଥାନରେ ଥିବା ରେଭେନ୍‌ଶା ଜୁନିୟର କଲେଜରେ କଳା, ବାଣିଜ୍ୟ ଏବଂ ବିଜ୍ଞାନ ବିଭାଗ ପାଇଁ ୯୦ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଡକାଯାଇଥିଲା। ସେମାନଙ୍କ ମଧ୍ୟରୁ ବିଜ୍ଞାନରେ ୭୫ଜଣ, କଳାରେ ୭୩ ଏବଂ ବାଣିଜ୍ୟରେ ୫୩ଜଣ ନାମ ଲେଖାଇଛନ୍ତି। ସେହିପରି ଖ୍ରୀଷ୍ଟ କଲେଜରେ କଳାରେ ୬୫ଜଣ, ବିଜ୍ଞାନରେ ୫୯ଜଣ, ଏବଂ ବାଣିଜ୍ୟରେ ୬୩ଜଣ ନାମ ଲେଖାଇଛନ୍ତି। ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ କଳାରେ ୭୮ଜଣ, ବିଜ୍ଞାନରେ ୭୭ ଏବଂ ବାଣିଜ୍ୟରେ ୫୪ଜଣ ନାମ ଲେଖାଇଛନ୍ତି। ଇନ୍ଦିରା ଗାନ୍ଧୀ ମହିଳା କଲେଜରେ କଳାରେ ୬୧ଜଣ, ବିଜ୍ଞାନରେ ୩୪ ଏବଂ ବାଣିଜ୍ୟରେ ୨୬ଜଣ ଛାତ୍ରୀ ଆଡମିସନ କରିଛନ୍ତି। ସେହିପରି ସିଟି କଲେଜରେ କଳାରେ ୬୪ଜଣ, ବିଜ୍ଞାନରେ ୬୭ ଏବଂ ବାଣିଜ୍ୟରେ ୬୩ଜଣ ନାମ ଲେଖିଛନ୍ତି। ସମସ୍ତ କଲେଜରେ ସାମାଜିକ ଦୂରତ୍ୱ ଏବଂ କୋଭିଡ ନିୟମ ପାଳନ କରାଯାଇ ନାମଲେଖା ପ୍ରକ୍ରିୟା ହୋଇଥିଲା। ଏହି ପ୍ରଥମ ପର୍ଯ୍ୟାୟ ନାମଲେଖା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୧୬୫ ଛାତ୍ରୀଛାତ୍ର ନାମ ଲେଖାଇଲେ

**ବାଲିଅନ୍ତା,୨୧।୯(ଡି.ଏନ୍.ଏ.):**

ରାଜ୍ୟରେ ଯୁକ୍ତ୨ ନାମଲେଖାରର ପ୍ରଥମ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ଓ ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬୫ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ନେହେରୁ ବିଦ୍ୟାଳୟର କଳାରେ ୨୫୬ ଓ ବିଜ୍ଞାନରେ ୧୨୮ ସିଟ୍ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ କଳାରେ ୯୮ ଓ ବିଜ୍ଞାନରେ ୩୨ ଛାତ୍ରୀଛାତ୍ର କଟ୍ ଅଫ ମାର୍କରେ ନାମଲେଖା ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ପ୍ରଥମ ଦିନରେ କଳାରେ ୬୫ ଓ ବିଜ୍ଞାନରେ ୧୩ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଶ୍ରୀ ବାଣେଶ୍ୱର ଉଚ୍ଚ ବିଦ୍ୟାଳୟରେ କଳାରେ ୧୯୨ ଓ ବାଣିଜ୍ୟରେ ୧୨୮ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ କଳାରେ ୯୦ ଓ ବାଣିଜ୍ୟରେ ୩୩ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ କଳାରେ ୭୦ ଓ ବାଣିଜ୍ୟରେ ୧୭ଜଣ ନାମ ଲେଖାଇଥିବା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ଓ ଧରଣୀଧର ସ୍ୱାଇଁ ଜଣାଇଛନ୍ତି।

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଦେହଜୀବୀଙ୍କୁ ମିଳୁନି ସହାୟତା

**ଭୁବନେଶ୍ୱର,୨୧।୯(ବ୍ୟୁରୋ):**

ସୁପ୍ରିମକୋର୍ଟ ଦେହଜୀବୀଙ୍କ ଦୁଃଖ ବୁଝି ଗତ ୧୪ତାରିଖରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶ ପରେ ମଧ୍ୟ ସେମାନଙ୍କୁ କୌଣସି ସୁବିଧା ଦିଆଯାଇ ନାହିଁ। କୋଭିଡ୍-୧୯ ସମୟରେ ଦେହଜୀବୀମାନେ ବହୁ ଅଭାବ ଓ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ତେଣୁ ସେମାନଙ୍କ ସମସ୍ୟା ଜାଣି ସୁପ୍ରିମ୍‌କୋର୍ଟ ଏହି ନିର୍ଦ୍ଦେଶ ଦେଇଥିବାରୁ ଓଡ଼ିଶା ପତିତ ଉଦ୍ଧାର ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀ ସ୍ୱାଗତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଦେହଜୀବୀଙ୍କ ଦୁଃଖ କିଛି ମାତ୍ରାରେ ଦୂର ହେବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ରାଜ୍ୟ ମାନବିକ ଅଧିକାର କମିଶନ ମଧ୍ୟ ଦେହଜୀବୀଙ୍କୁ ଆର୍ଥିକ ସହାୟତା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅନେକ ଦେହଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହେଲେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସେମାନଙ୍କୁ ସହାୟତା ମିଳିବ ବୋଲି ଆଶା ରଖିଛନ୍ତି। ଓଡ଼ିଶା ପତିତ ଉଦ୍ଧାର ସମିତି ଦୀର୍ଘ ୨୨ବର୍ଷ ଧରି ଦେହଜୀବୀମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି। ଦେହଜୀବୀଙ୍କ ଥଇଥାନ ପାଇଁ ଉଚ୍ଚ ନ୍ୟାୟାଳୟରେ କରିଥିବା ମାମଲା ବିଚାରକୁ ନେଇ ମାନ୍ୟବର ନ୍ୟାୟାଳୟ ସେମାନଙ୍କ ଥଇଥାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର ଆଜି ସବୁ ବର୍ଗର ଲୋକଙ୍କୁ ସହାୟତା କରିଥିବା ବେଳେ ଦେହଜୀବୀଙ୍କ ପ୍ରତି ଅବହେଳା କରିଛନ୍ତି। ମହିଳାମାନଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ରାଜ୍ୟ ମହିଳା ଓ ଶିଶୁ ବିକାଶ ମିଶନ ଶକ୍ତି ବିଭାଗ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେହଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି।

### ସହଯୋଗ ଦାବି କଲା ପତିତ ଉଦ୍ଧାର ସମିତି

## ଆତ୍ମା କମିଟି ସଭ୍ୟ ଚୟନରେ ଅନିୟମିତତା ଅଭିଯୋଗ

**ବାଲିପାଟଣା,୨୧।୯(ଡି.ଏନ୍.ଏ.):**

ବାଲିପାଟଣା ବ୍ଲକରେ ଗଠନ ହୋଇଥିବା ଆତ୍ମା କମିଟି ସଭ୍ୟ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବାଲିପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନୀଷା ଚୌଧୁରୀ ଏକ ଅଭିଯୋଗପତ୍ର ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହା ସହିତ ଖୋର୍ଦ୍ଧା ଜିଲାପାଳ, ଭୁବନେଶ୍ୱର ଏମ୍‌ପି ଓ ଜୟଦେବ ବିଧାୟକଙ୍କୁ ଜଣାଇଛନ୍ତି। ସୂଚନା ମୁତାବକ, ଆତ୍ମା କମିଟିର ଅବଧି ୨ବର୍ଷ ପର୍ଯ୍ୟନ୍ତ ରହିଥାଏ। କମିଟି ୨୪ଜଣ ସଭ୍ୟଙ୍କୁ ନେଇ ଗଠନ କରାଯାଇଥାଏ। ଫଳ ଚାଷୀ, ପଶୁ ଓ ଗୋପାଳନ, ସାମାଜିକ କର୍ମୀ, ମାଛ ଚାଷ କ୍ଷେତ୍ରରେ ଦକ୍ଷତା ଥିବା ବ୍ୟକ୍ତିଙ୍କ ସହିତ ଜଣେ ପଞ୍ଚାୟତ ସମିତି ସଭ୍ୟଙ୍କୁ ଏହି କମିଟିକୁ ମନୋନୀତ କରିବାର ନିୟମ ରହିଛି। କିନ୍ତୁ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କୁ ଏହି କମିଟିର ସଭ୍ୟ ଭାବେ ନିଆଯାଇ କମିଟି ଗଠନ କରାଯାଇଛି। ଯୋଗ୍ୟ ବ୍ୟକ୍ତିଙ୍କୁ ବଛାଯାଇ ଏକ ନୂତନ କମିଟି ଗଠନ କରାଯିବା ପାଇଁ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ତରୁଣ ଛୋଟରାୟ କହିଛନ୍ତି, ବାଲିପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କମିଟି ଗଠନରେ କୌଣସି ଚଞ୍ଚକତା କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ସାହିତ୍ୟମାଳା କାର୍ଯ୍ୟକ୍ରମ

**କଟକ ଅଫିସ, ୨୧।୯:**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟମାଳା' କାର୍ଯ୍ୟକ୍ରମ ଅନଲାଇନରେ ଅନୁଷ୍ଠିତ ହୋଇଯାଇଛି। 'ଓଡିଆ ଗଳ୍ପରେ ସାମାଜିକ ବାସ୍ତବତା' ଶୀର୍ଷକ ୱେବିନାରରେ ଏହି ଆଲୋଚନା ହୋଇଥିଲା। ଓଡିଆ ଗଳ୍ପର ଉନ୍ମେଷ ସାମାଜିକ ବାସ୍ତବତା ଭିତ୍ତିରେ ସୃଷ୍ଟି ହୋଇଛି ବୋଲି ବକ୍ତାମାନେ ମତ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂ ଓଡ଼ିଆ ଗଳ୍ପର ଜନ୍ମ ଜାତକ ସାମାଜିକ ଭାବଭୂମିରେ ରଚିତ ବୋଲି କହିଥିଲେ। ଏକାଡେମୀର ପୂର୍ବାଞ୍ଚଳ ଆଞ୍ଚଳିକ ଅଧିକାରୀ ଦେବେନ୍ଦ୍ର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ମନୋରଞ୍ଜନ ପ୍ରଧାନ, କଥାକାର ହିରଣ୍ମୟୀ ମିଶ୍ର, ମହୁରୀ ସମ୍ପାଦକ ସୁକାନ୍ତ ସାହୁ ସାମିଲ ଥିଲେ।

## ବ୍ଲୁ ଫ୍ଲାଗ୍ ବିଚ୍ ସାମୟିକ ଭାବେ ବନ୍ଦ ରହୁ

**ପୁରୀ ଅଫିସ,୨୧।୯:**

ପୁରୀରେ ଏବେ କରୋନା ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିଛି। ମାତ୍ର ପର୍ଯ୍ୟଟକଙ୍କ ଲାଗି ବ୍ଲୁ ଫ୍ଲାଗ୍ ବିଚ୍ ଖୋଲାଯାଇଛି। ଫଳରେ ସଂକ୍ରମଣ ଆହୁରି ବଢିବ। ତେଣୁ ସାମୟିକ ଭାବେ ବ୍ଲୁ ଫ୍ଲାଗ୍ ବିଚ୍ ବନ୍ଦ କରାଯାଉ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଅନୁରୋଧ କରିଛନ୍ତି।

ଦିଲ୍ଲୀପ ଚିଠିରେ ଦର୍ଶାଇଛନ୍ତି, ପୁରୀ ସହରରେ କରୋନା ସ୍ଥିତି ସଙ୍ଗିନ ସତ୍ତ୍ୱେ ପର୍ଯ୍ୟଟକଙ୍କ ପାଇଁ ଜିଲା ପ୍ରଶାସନ ବ୍ଲୁ ଫ୍ଲାଗ ବିଚ୍ ଖୋଲିଦେଇଛି। ଏଠାରେ ଗହଳି ହେଉଥିବାରୁ ସଂକ୍ରମଣ ବଢିବା ଆଶଙ୍କା ରହିଛି। ତେଣୁ ଏବେ ବ୍ଲୁ ଫ୍ଲାଗ ବିଚ୍ ବନ୍ଦ ରଖିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀପ ଅନୁରୋଧ ଜଣାଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଅଧିକାର କର୍ମୀଙ୍କ ଚିଠି

## ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ସ୍ମୃତିସଭା

**ପୁରୀ ଅଫିସ,୨୧।୯:**

ଶ୍ରୀମନ୍ଦିରର ବରିଷ୍ଠ ପ୍ରତିହାରୀ ସେବକ ତଥା ତଥା ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ବିୟୋଗରେ ୱେବ ପ୍ଲାଟଫର୍ମରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ସ୍ଥାନରୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ସ୍ୱର୍ଗତ ପ୍ରତିହାରୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଡ. ନରେଶ ଚନ୍ଦ୍ର ଦାଶ ଶ୍ରୀଜଗନ୍ନାଥଙ୍କ ଧ୍ୟାନମନ୍ତ୍ର ଆବୃତ୍ତି କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ, ସନ୍ତୋଷ କୁମାର ପାତ୍ର, ରବିନାରାୟଣ ସାମନ୍ତରା, ସୁଦର୍ଶନ ନାୟକ, କରୁଣାକର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର ପ୍ରମୁଖ ଭାଗ ନେଇଥିଲେ।

## ୧୬ ଗ୍ରାମ, ୱାର୍ଡ ଆବଦ୍ଧାଞ୍ଚଳ ଘୋଷିତ

**ଖୋର୍ଦ୍ଧା ଅଫିସ,୨୧।୯:**

ଖୋର୍ଦ୍ଧା ଉପଖଣ୍ଡର ବେଗୁନିଆ, ଟାଙ୍ଗୀ ଓ ବୋଲଗଡ଼ ବ୍ଲକର ୧୫ଟି ଗ୍ରାମ ଏବଂ ଖୋର୍ଦ୍ଧା ପୌରପରିଷଦର ଗୋଟିଏ ୱାର୍ଡକୁ ୧୦ଦିନ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରିଛନ୍ତି। କେନ୍ଦୁପଲ୍ଲୀ, ସୁନଲା, ରାଇମୂଳ, ଗୋଡିସାହି, କୋତଲଙ୍ଗା ଓ ଉତ୍ତରେଶ୍ୱର, ବଡ଼ବେରଣା, ଧିଙ୍ଗରା, ବାଘମାରୀ, ବେତରାଜଙ୍ଗ, ହଜ ଗ୍ରାମକୁ ୧୦ଦିନ ଆବାଦ୍ଧାଞ୍ଚଳ କରାଯାଇଛି। ଟାଙ୍ଗୀ ବ୍ଲକ ମଙ୍ଗଳଯୋଡି ପଞ୍ଚାୟତର ନୂଆପଡ଼ା ଓ ବଡ଼ପାରି ଗ୍ରାମକୁ ୭ଦିନ, ବୋଲଗଡ଼ ବ୍ଲକର ମଙ୍ଗରାଜପୁର ଏବଂ ଖୋର୍ଦ୍ଧା ପୌରାଞ୍ଚଳ ୧୧ନଂ. ୱାର୍ଡର ମଙ୍ଗଳାନଗର ଲେନକୁ ୧୦ଦିନ ଆବଦ୍ଧାଞ୍ଚଳ କରାଯାଇଛି।

## ଫଟୋରେ ଖବର



କୃଷକ ବିଲ୍‌କୁ ବିରୋଧ କରି ଆମ ଅଧିକାର ସଂଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।



ପୁରୀ ଶ୍ରମ କାର୍ଯ୍ୟାଳୟର ୱେଲ୍‌ଫେୟାର କୋଅର୍ଡିନେଟରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟିର ବିକ୍ଷୋଭ।

